# ସରକାରଙ୍କ ଅଶୋଭନୀୟ ଜିଦ୍

୧୬/୦୪/୧୯୮୯

ଜିଦ୍‌ଖୋର ମନୋବୃତ୍ତି ଅନେକ ସମୟରେ ଶୋଭନୀୟ ଏବଂ ଫଳପ୍ରଦ ହୋଇଥାଏ ଏବଂ ଜିଦ୍ ଧରିଥିବା ବ୍ୟକ୍ତି ଓ ଅନୁଷ୍ଠାନର ଆତ୍ମବିଶ୍ୱାସ ଓ ସାହସ ବଢ଼ାଇବାରେ ସହାୟକ ମଧ୍ୟ ହୋଇଥାଏ। କିନ୍ତୁ ଅଧ୍ୟାପକମାନଙ୍କର ଆନ୍ଦୋଳନକୁ ନେଇ ସରକାର ଯେଉଁ ଜିଦ୍‌ଖୋର ମନୋବୃତ୍ତିର ପରିଚୟ ଦେଉଛନ୍ତି, ଶିକ୍ଷାବିଭାଗ ଏବଂ ଅନୁଷ୍ଠାନର କାର୍ପଟଦାରମାନେ ଏ ପ୍ରକାର ମନୋବୃତ୍ତିକୁ ଉତ୍ସାହିତ କରିବା ପାଇଁ ଯେଉଁ ଆସ୍ଫାଳନ କରୁଛନ୍ତି ଓ ପରାମର୍ଶ ଦେଉଛନ୍ତି ତାହା ଆଦୌ ଶୋଭନୀୟ କିମ୍ବା ଗ୍ରହଣୀୟ ନୁହେଁ। ଅଧ୍ୟାପକମାନଙ୍କର ଆନ୍ଦୋଳନ ୟୁ.ଜି.ସି. ବେତନହାର ଦାବୀ କରି ଗତ ୬ ମାସ ଧରି ଚାଲିଅଛି। ସରକାର ହୁଏତ ଅଧ୍ୟାପକମାନଙ୍କର ଆନ୍ଦୋଳନ ଧମକକୁ ମୁକାବିଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଏବଂ ଅଧ୍ୟାପକମାନଙ୍କର ଧମକକୁ ମାନିନେବା ବା ଧମକରେ ଡରିଯିବା ଏକ ଗଣତାନ୍ତ୍ରିକ ନିର୍ବାଚିତ ସରକାର ପକ୍ଷରେ ଦୃଢ଼ତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ପରିଚୟ ଦେବନାହିଁ ବୋଲି ବିଚାର କରି ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଏ ସମ୍ପର୍କୀୟ ନିଷ୍ପତ୍ତି ପାଇଁ ଅଧ୍ୟାପକମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ବାରମ୍ବାର ସୂଚନା ଦେଉଛନ୍ତି। କିନ୍ତୁ ବର୍ତ୍ତମାନ ପ୍ରଶ୍ନହେଲା ସରକାରଙ୍କର ଅଧ୍ୟାପକମାନଙ୍କଠାରୁ ଏ ଧୈର୍ଯ୍ୟ ଆଶା କରିବାର ନୈତିକ ଅଧିକାର ଅଛିକି ? ସରକାରୀ କଲେଜର ଅଧ୍ୟାପକମାନେ ପ୍ରଥମେ ଯେତେବେଳେ ଆନ୍ଦୋଳନ କରିଥିଲେ ସେତେବେଳେ ମନ୍ତ୍ରୀ ମହୋଦୟମାନେ ୩ ମାସ ସମୟ ନେଇ ନଥିଲେ କି ? ୩ ମାସ ମଧ୍ୟରେ ଥରଟିଏ ମଧ୍ୟ ମାନ୍ୟବର ମନ୍ତ୍ରୀମାନଙ୍କୁ ବସିବା ପାଇଁ ସମୟ ମିଳିଲା ନାହିଁ। କେଉଁ ଭରସାରେ ଜୁନ୍ ୩୦ ପର୍ଯ୍ୟନ୍ତ ଅଧ୍ୟାପକମାନେ ଅପେକ୍ଷା କଲେ ନ୍ୟାୟ ମିଳିପାରିବ ବୋଲି ଆମେ ଆଶା କରିବା ? ତା'ଛଡ଼ା ଶିକ୍ଷାମନ୍ତ୍ରୀ ଏବଂ କମିଟୀର ଅଧ୍ୟକ୍ଷ ଅର୍ଥମନ୍ତ୍ରୀ ଯେ ଏ କମିଟୀରେ ଏକାଠି ବସି ନିଷ୍ପତ୍ତି ନେବାପାଇଁ ଏକାନ୍ତ ଅନିଚ୍ଛୁକ ଏକଥା କ'ଣ କାହାରିକୁ ଅଛପା ଅଛି ? ଏଇଥିପାଇଁ ବୋଧହୁଏ ପୂର୍ବେ କମିଟୀ ବସିପାରି ନଥିଲା, ବର୍ତ୍ତମାନ ବାଧ୍ୟବାଧକତାରେ ବସିଲେ ମଧ୍ୟ ସେପରି କିଛି ସୁଫଳ ମିଳିବ ନାହିଁ ବୋଲି ଆଶଙ୍କା ହେବା ଅସ୍ୱାଭାବିକ କି ?

ସରକାରଙ୍କର ଜିଦ୍‌ଖୋର ମନୋବୃତ୍ତି ଏତେ ପରିମାଣରେ ଶିକ୍ଷାବିଭାଗର କାର୍ଯ୍ୟକ୍ରମକୁ ପ୍ରଭାବିତ କରୁଛି ଯେ ନିକଟ ଅତୀତରେ ଶିକ୍ଷା ବିଭାଗ ଓ ଘରୋଇ ବିଭାଗ ଭିତରେ ସେପରି କିଛି ପ୍ରଭେଦ ଥିଲାପରି ମନେ ହେଉନାହିଁ। ଶିକ୍ଷା ବିଭାଗର ସବୁ ସମସ୍ୟା ସତେ ଯେପରି ଘରୋଇ ବିଭାଗ ପୋଲିସର ଦାୟିତ୍ୱ ! ଶିକ୍ଷା ବିଭାଗର ପୁରୋଧାମାନେ ସେମାନଙ୍କର ମାନସିକ ଭାରସାମ୍ୟ ବେଳେବେଳେ ହରାଉଥିଲା ପରି ମନେ ହେଉଛି। ତା' ନ ହୋଇଥିଲେ ସେମାନେ ଏକ ପକ୍ଷରେ +୨ ପରୀକ୍ଷା ସହିତ ୟୁ.ଜି.ସି. ବେତନହାର ସମ୍ପର୍କିତ ଦାବୀର କୌଣସି ସମ୍ପର୍କ ନାହିଁ ବୋଲି ସମ୍ବାଦପତ୍ର ମାନଙ୍କର ପ୍ରଥମ ପୃଷ୍ଠାରେ ବିଜ୍ଞାପନ ଦେଉଥିବାବେଳେ ସେ ପରୀକ୍ଷାର ନିରୀକ୍ଷକ ହେବା ପାଇଁ ଯେଉଁମାନେ ଅନିଚ୍ଛା ପ୍ରକାଶ କଲେ ସେମାନଙ୍କ ବିରୁଦ୍ଧରେ ଦରମା ବନ୍ଦ ଆଦି ଆକ୍ରୋଶମୂଳକ ବାଦଶାହୀ କାର୍ଯ୍ୟାନୁଷ୍ଠାନ ପାଇଁ

## ଆମ ଘରର ହାଲଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ଦୁଃସାହସ କରି ନଥାନ୍ତେ। ସରକାର ଯେ ଏ କାରଣରୁ ଦରମା ବନ୍ଦ କରିବା ଆଦୌ ପ୍ରାସଙ୍ଗିକ ନୁହେଁ ଏବଂ ନ୍ୟାୟୋଚିତ ହେବନାହିଁ, ଏକଥା ଦିବାଲୋକ ପରି ସ୍ପଷ୍ଟ ହୋଇଥିଲେ ମଧ୍ୟ ଆମର ଶିକ୍ଷାମନ୍ତ୍ରୀ ଏବଂ ପ୍ରଶାସକମାନଙ୍କୁ ଏ ବୁଦ୍ଧି ପୁଝିଲା ନାହିଁ। ପରିଶେଷରେ ଉଚ୍ଚ ନ୍ୟାୟାଳୟ ଏବଂ ଟ୍ରିବ୍ୟୁନାଲ ମଧ୍ୟ ଅନୁରୂପ ମତ ଦେଲେ। ତାହା କ'ଣ ଶୋଭନୀୟ ହେଲା ? ବର୍ତ୍ତମାନ ପରୀକ୍ଷା ଖାତାଗୁଡ଼ିକର ମୂଲ୍ୟାୟନ ପାଇଁ ମଧ୍ୟ ସରକାର ଅନୁରୂପ ଜିଦ୍‌ଖୋର ମନୋବୃତ୍ତି ପୋଷଣ କରୁଛନ୍ତି। ପୂର୍ବ ଅନୁଭୂତିରୁ କିଛି ଶିଖିଥିଲା ପରି ମନେ ହେଉନାହାନ୍ତି। ପ୍ରାୟ ଶତକଡ଼ା ୯୯ ଭାଗ ଅଧ୍ୟାପକ, ଅଧ୍ୟାପିକା ପରୀକ୍ଷାଖାତା ମୂଲ୍ୟାୟନକୁ ବର୍ଜନ କରିଛନ୍ତି। ତଥାପି +୨ ବୋର୍ଡ କେଜାଣି କେଉଁଠୁ ଏବଂ କିପରି ପ୍ରତିଦିନ ନୂଆନୂଆ ପରୀକ୍ଷକ ତିଆରି କରୁଛନ୍ତି ଓ ମେଜିକ୍ ପରି ସେମାନଙ୍କର ପରିଚୟପତ୍ର ବାହାର କରୁଛନ୍ତି ? +୨ ବୋର୍ଡର ଏହି ଅସହାୟବୋଧ ଓ ଶିକ୍ଷା ବିଭାଗର ଜିଦ୍‌ଖୋର ମନୋବୃତ୍ତି ଆଉ କାହାକୁ ସୁହାଉ ବା ନ ସୁହାଉ ଦଳେ ଅର୍ଦ୍ଧଶିକ୍ଷିତ ଅନୁକମ୍ପାଗ୍ରହୀ ବେକାର ଯୁବକମାନଙ୍କର ସାମୟିକ ଥଇଥାନ ପାଇଁ ଫେୟାରୱେଦର ରୋଡ୍ ପରି ଏକ ଖରାଦିନିଆ ବେପାର ତିଆରି କରିଛି। ଏହି ନୂଆ ନିରୀକ୍ଷକମାନଙ୍କର ଆବିର୍ଭାବରେ ନିଶ୍ଚିତ ଭାବେ ଅକୃତକାର୍ଯ୍ୟ ହେବାକୁ ଯାଉଥିବା ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ମଧ୍ୟ ନୂଆ ଉତ୍ସାହ ଓ ସମ୍ଭାବନା ସୃଷ୍ଟି ହୋଇଛି। ପରୀକ୍ଷକ ସାଜିଥିବା ତଥାକଥିତ ଅଧ୍ୟାପକ ମାନେ ନିଜ ପକେଟରେ ବହୁ ଆଶାୟୀ ପରୀକ୍ଷାର୍ଥୀଙ୍କର ରୋଲନମ୍ବର ନେଇ ଯାଉଛନ୍ତି ଏବଂ ମୂଲ୍ୟାୟନ ବାବଦକୁ ପାଇବାକୁ ଥିବା ପାରିଶ୍ରମିକ ଅତିରିକ୍ତ ଉପୁରି ଦି ପଇସା ମଧ୍ୟ ରୋଜଗାର କରିପାରୁଛନ୍ତି। ଲେଖିବାକୁ ଲାଜ ଲାଗୁଛି, ପାଠକମାନେ ମଧ୍ୟ ବିଶ୍ୱାସ କରିବେ କି ନାହିଁ ସନ୍ଦେହ— ପ୍ରତିଦିନ ନିଯୁକ୍ତ ହେଉଥିବା ନୂଆ ପରୀକ୍ଷକମାନଙ୍କ ମଧ୍ୟରେ ଅନେକ ଅଧ୍ୟାପକ ମଧ୍ୟ ନୁହନ୍ତି। ଅନେକଙ୍କ ପାଖରେ ଅଧ୍ୟାପନା କରିବା ପାଇଁ ସର୍ବନିମ୍ନ ଯୋଗ୍ୟତା ମଧ୍ୟ ନାହିଁ ଓ ଅନେକଙ୍କୁ ବିଭିନ୍ନ ବେନିୟମ କାର୍ଯ୍ୟ, ଅପାରଗତା ଓ ବୃତ୍ତିଗତ ଅଶାଳୀନତା ଅଭିଯୋଗରେ ଦଣ୍ଡାଦେଶ ମଧ୍ୟ ହୋଇଛି। ସରକାର ଯେନତେନ ପ୍ରକାରେଣ ପରୀକ୍ଷା ତ କରେଇ ନେଲେ, ବର୍ତ୍ତମାନ ନିଶ୍ଚିତ ଭାବେ ମୂଲ୍ୟାୟନ ମଧ୍ୟ କରେଇ ନେବେ ବୋଲି ଜିଦ୍ କରି ଯଦି ଏସବୁକୁ ଜାଣିଶୁଣି ବରିନେବା ପାଇଁ ଅଧିକ ଉଚିତ ମନେ କରୁଛନ୍ତି, ତେବେ ଆମର ସେ ବିଷୟରେ ଆଉ ଅଧିକ କିଛି କହିବାର ନାହିଁ। କିନ୍ତୁ ଆମେ ଯେ ଏହା ସହିତ ଆଦୌ ଏକମତ ନୋହୁଁ ଏବଂ ଏହା ଆମ ଶିକ୍ଷା ବ୍ୟବସ୍ଥାକୁ କଳଙ୍କିତ କରିବାରେ ସହାୟକ ହେଉଛି ଏବଂ ଏହା ଆମର ସାମଗ୍ରିକ ସ୍ୱାର୍ଥ ଓ ସ୍ୱାଭିମାନକୁ ଆହତ କରୁଛି, ଏକଥା କହିବା ପାଇଁ ବାଧ୍ୟ ହେଉଛୁ।

ଏଭଳି ଏକ ପରିସ୍ଥିତିରେ ହଠାତ୍ ରେଭେନ୍ସା କଲେଜ କ୍ୟାମ୍ପସରୁ ଆଉ ଏକ ଖବର ମିଳିଲା ଯେ ଜନୈକ ବରିଷ୍ଠ ଅଧ୍ୟାପକ ଓ ଛାତ୍ରାବାସର ତତ୍ତ୍ୱାବଧାରକ କାଳେ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କର ସହଧର୍ମିଣୀଙ୍କ ପ୍ରତି ବଳାତ୍କାର କରିଛନ୍ତି। ପାଶବିକ ଅତ୍ୟାଚାର କରିଛନ୍ତି ଏବଂ ଏପ୍ରକାର ବଳାତ୍କାରର ବହୁଦିନ ପରେ ପୋଲିସ ନିକଟରେ ଅଭିଯୋଗ ଆଣାଯିବା ପରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଅନ୍ୟ ବ୍ୟାପାର ସମ୍ବନ୍ଧରେ ପଚରା ଉଚୁରା କରିବାର ଆଳରେ ଥାନାକୁ ଡାକିନେଇ ବଳାତ୍କାର ଅଭିଯୋଗରେ ଗିରଫ କରିଛନ୍ତି। ନିରୀହ କର୍ମଜୀବୀ ମହିଳା ଉପରେ ପାଶବିକ ଅତ୍ୟାଚାର ଏବଂ ବଳାତ୍କାର ଯେ ନିନ୍ଦନୀୟ ଏବଂ ତାହା ଯଦି ଶିକ୍ଷାୟତନର ଜଣେ ବରିଷ୍ଠ ଅଧ୍ୟାପକ କରିଥାନ୍ତି ତାହା ଯେ ଅତ୍ୟନ୍ତ ଜଘନ୍ୟ ଏକଥା ଯେ କେହି ହେଲେ ସ୍ୱୀକାର କରିବେ ଏବଂ ଏଥିପାଇଁ ଯାହା କିଛି ଶାସ୍ତିବିଧାନ କଲେ ମଧ୍ୟ ତାହା ଯେ ଅପରାଧ ତୁଳନାରେ ଯଥେଷ୍ଟ କମ୍ ହେବ ଏକଥା ମଧ୍ୟ ପ୍ରକାଶ କରିବାରେ ଆମର ତିଳେମାତ୍ର ଦ୍ୱିଧାନାହିଁ। କିନ୍ତୁ ନିରୀହ ମହିଳା ପ୍ରତି ବଳାତ୍କାର ଅଭିଯୋଗ ଅନ୍ତରାଳେ ଯଦି ଅନ୍ୟ ରାଜନୈତିକ ଓ ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ଚେଷ୍ଟା କରୁଥିବା ଗୋଷ୍ଠୀ ଏବଂ ବ୍ୟକ୍ତି ବିଶେଷଙ୍କର ଅଭିସନ୍ଧି ଓ ଚକ୍ରାନ୍ତ ରହିଥାଏ ତାହାହେଲେ ଆମର ମନେହୁଏ ଏହାଠାରୁ ଅଧିକ ଦୁର୍ଭାଗ୍ୟଜନକ ଘଟଣା ଆଉ କିଛି ହୋଇ ନପାରେ। ବଳାତ୍କାର ଘଟଣାଟିର ପୂର୍ବାପର ସଂଗତି ନିଶ୍ଚିତଭାବେ ଏ ପ୍ରକାର ଆଶଙ୍କାକୁ ଘନୀଭୂତ କରୁଛି। ତେବେ ଖବରକାଗଜର ସମ୍ପାଦକୀୟ ସ୍ତମ୍ଭରେ ଆମେ ପୋଲିସ ତଦନ୍ତକାରୀର ଭୂମିକା ଗ୍ରହଣ କରିବା ପାଇଁ ଆଗ୍ରହୀ ନୋହୁଁ। କିନ୍ତୁ, ପୋଲିସ ଏ ଘଟଣାର ସତ୍ୟାସତ୍ୟ ନିରୂପଣ କରି ସାଧାରଣରେ ଆଶଙ୍କା ଦୂର କରିବା ପାଇଁ ଟିକିଏ ଅଧିକ ଆଗ୍ରହୀ ହେବା ଆବଶ୍ୟକ ବୋଲି ଆମେ ମନେକରୁ। ପୋଲିସର ଭାବମୂର୍ତ୍ତି ଦୃଷ୍ଟିରୁ ଏହା ଆଉରି ଅଧିକ ପ୍ରାସଙ୍ଗିକ ଏବଂ ଆବଶ୍ୟକ। ତା' ନହେଲେ ଯେକୌଣସି ସାଧାରଣ ନାଗରିକ ଏପରି ବଳାତ୍କାର ଅଭିଯୋଗରେ ଯେକୌଣସି ଦିନ ଅଭିଯୁକ୍ତ ହୋଇପଡ଼ିବ। ଆମ ଧନଜୀବନର ସୁରକ୍ଷା କଥା ଦୂରେ ଥାଉ, ମାନ ମହତ କଥା ମଧ୍ୟ ଚିନ୍ତା କରିବାର ଅବକାଶ ରହିବ ନାହିଁ।